No. of Printed Pages : 4 3-SEMA-Odia-C-V(R&B)

# 2023

***Time - 3 hours***

***Full Marks - 80***

*Answer **all groups** as per instructions.*
*Figures in the right hand margin indicate marks.*

## GROUP – A

୧ । ଉପଯୁକ୍ତ ଉତ୍ତରମୂଳକ ଶବ୍ଦଦ୍ୱାରା ଶୂନ୍ୟସ୍ଥାନ ପୂରଣ କର । (ସମସ୍ତ) [୧ × ୧୨

(କ) ଓଡ଼ିଆ ଭାଷାର ମୂଳ ଉତ୍ସ ________ ଭାଷା ।

(ଖ) ଓଡ଼ିଆ ଭାଷା ହେଉଛି ________ ମାଗଧୀ ଅପଭ୍ରଂଶର ଏକ ଉପଶାଖା ।

(ଗ) ହୁଏନ୍‌ସାଂ ଓଡ଼ିଆ ଭାଷାକୁ ________ ଭାବରେ ଉଲ୍ଲେଖ କରିଛନ୍ତି ।

(ଘ) ________ ଲିପି ହେଉଛି ଭାରତ ବର୍ଷରେ ଆବିଷ୍କୃତ ପ୍ରାଚୀନତମ ଲିପି ।

(ଙ) ଓଡ଼ିଆ ଲିପି ________ ଲିପିର କ୍ରମ ବିବର୍ତ୍ତନ ଫଳରେ ଜନ୍ମଲାଭ କରିଛି ।

(ଚ) ଓଡ଼ିଆ ଲିପିରେ ମୁଖ୍ୟତଃ ________ଟି ବୈଶିଷ୍ଟ୍ୟ ଦେଖିବାକୁ ମିଳେ ।

(ଛ) ଓଡ଼ିଆ ଅଭିଲେଖଗୁଡ଼ିକ ଭିତରେ ସର୍ବପ୍ରାଚୀନ ହେଉଛି ________ ।

(ଜ) ଦ୍ୱିତୀୟ ନରସିଂହ ଦେବଙ୍କ ଭୁବନେଶ୍ୱର ଦ୍ୱୈଭାଷିକ ଶିଳା ଲେଖରେ ଓଡ଼ିଆ ସହ ________ ଭାଷା ପ୍ରୟୋଗ ହୋଇଛି ।

(ଝ) ଓଡ଼ିଶାର ________ ବଂଶୀୟ ରାଜାମାନଙ୍କଦ୍ୱାରା ଓଡ଼ିଆ ଅଭିଲେଖର ବହୁଳ ପ୍ରସାର ଘଟିଥିଲା ।

(ଞ) ଚର୍ଯ୍ୟାପଦ ମୂଳତଃ ________ ଭାଷାରେ ରଚିତ।

(ଟ) ଚର୍ଯ୍ୟାପଦ ________ ଧର୍ମ-ଦର୍ଶନକୁ ନେଇ ରଚିତ।

(ଠ) ପଞ୍ଚଦଶ ଶତାବ୍ଦୀରେ ________ଙ୍କ ଭାଷା ହିଁ ଯଥାର୍ଥ ଓଡ଼ିଆ ଭାଷା।

## GROUP - B

୨। ପ୍ରତ୍ୟେକକୁ ଦୁଇ ବା ତିନୋଟି ବାକ୍ୟରେ ଯେକୌଣସି ୮ଟି ପ୍ରଶ୍ନର ଉତ୍ତର ଲେଖ। [୨ × ୮

(କ) ବିକାଶ ସ୍ଥଳ ଭେଦରେ ପ୍ରାକୃତ ଭାଷା କେତେ ଭାଗରେ ବିଭକ୍ତ ? ସେଗୁଡ଼ିକର ନାମ ଲେଖ।

(ଖ) ଓଡ଼ିଆ ଭାଷା କେଉଁ ମାଗଧୀ ଅପଭ୍ରଂଶ ପ୍ରଶାଖାର ଅନ୍ତର୍ଭୁକ୍ତ ?

(ଗ) ଓଡ଼ିଆ ଭାଷାକୁ କେଉଁ ଦୁଇଟି ଭାଷାର ଜ୍ୟେଷ୍ଠ ଭଗିନୀ ବୋଲି କିଏ କହିଛନ୍ତି ?

(ଘ) ପ୍ରାଚୀନ ବ୍ରାହ୍ମୀଲିପି ମୁଖ୍ୟତଃ କେଉଁ ଶାସନ କାଳରେ ପ୍ରଚଳିତ ଥିଲା ? ଉଦାହରଣ ଦିଅ।

(ଙ) ଅଭିଲେଖ କଣ ?

(ଚ) ମାଧବ ବର୍ମାଙ୍କ ଶିଳାଲେଖରେ ବ୍ୟବହୃତ ଓଡ଼ିଆ ଶବ୍ଦଟି କଣ ?

(ଛ) ପୁରୀ ହିମାଳୀ ମଠର ତାମ୍ର ଫଳକ ସନନ୍ଦରେ ବ୍ୟବହୃତ ଓଡ଼ିଆ ଶବ୍ଦର ଉଦାହରଣ ଦିଅ।

(ଜ) ଲୁଇପାଙ୍କ ଚର୍ଯ୍ୟାରେ ବ୍ୟବହୃତ ଓଡ଼ିଆ ଶବ୍ଦର ଉଦାହରଣ ଦିଅ।

(ଝ) ଚର୍ଯ୍ୟାଗୀତିକାରେ ବ୍ୟବହୃତ ଦୁଇଟି ସଂଖ୍ୟାବାଚକ ଶବ୍ଦର ଉଦାହରଣ ଦିଅ।

(ଞ) ସାରଳା ଦାସଙ୍କ ଲିଖିତ ଗ୍ରନ୍ଥଗୁଡ଼ିକ କଣ ?





## GROUP – C

୩। ପ୍ରତ୍ୟେକକୁ ୭୫ଟି ଶବ୍ଦ ମଧ୍ୟରେ ଯେକୌଣସି ୮ଟିର ଟିପ୍ପଣୀ ପ୍ରଦାନ କର। [୩ × ୮

(କ) ପ୍ରାଚୀନ ଆର୍ଯ୍ୟଭାଷା

(ଖ) ଓଡ୍ରୀ ବିଭାଷା

(ଗ) ଉରଜାମ ଶିଳାଲେଖ

(ଘ) ପୁରୀ ଶଙ୍କରାନନ୍ଦ ମଠର ତାମ୍ରଫଳକ

(ଙ) କପିଳେନ୍ଦ୍ର ଦେବଙ୍କ ଶିଳାଲେଖ

(ଚ) ପ୍ରାଚୀନ ବ୍ରାହ୍ମୀଲିପି

(ଛ) ପ୍ରତ୍ନ-ଓଡ଼ିଆ ଲିପି

(ଜ) ଆଧୁନିକ ଓଡ଼ିଆ ଲିପି

(ଝ) ଚର୍ଯ୍ୟାଗୀତିକାର ଭାଷା

(ଞ) ସାରଳା ସାହିତ୍ୟରେ ବ୍ୟବହୃତ ଦେଶଜ ଶବ୍ଦ

## GROUP – D

ସମସ୍ତ ପ୍ରଶ୍ନର ଦୀର୍ଘ ଉତ୍ତର ପ୍ରଦାନ କର।

୪। ଓଡ଼ିଆ ଭାଷାର ଉତ୍ପତ୍ତି ସମ୍ପର୍କୀୟ ବିବରଣୀ ପ୍ରଦାନ କର। [୭

ଅଥବା

ଓଡ଼ିଆ ଭାଷାର ନିକଟତମ ରୂପ ଚର୍ଯ୍ୟାଗୀତିକାରେ କିପରି ପରିଲକ୍ଷିତ ହୁଏ, ଦର୍ଶାଅ।

୫ । ଷୋଡ଼ଶ ଶତାବ୍ଦୀର ଓଡ଼ିଆ ଲିପିର କି କି ପରିବର୍ତ୍ତନ ପରିଲକ୍ଷିତ ହୁଏ, ଉଲ୍ଲେଖ କର । [୭

ଅଥବା

ଓଡ଼ିଆ ଲିପିର ରୂପଗତ ବୈଶିଷ୍ଟ୍ୟ ସମ୍ପର୍କରେ ଆଲୋଚନା କର ।

୬ । ଓଡ଼ିଆ ଭାଷା ବିକାଶର ପ୍ରାମାଣିକ ଉପାଦାନ ଭାବରେ ଶିଳାଲେଖର ଭୂମିକା କିପରି ଗୁରୁତ୍ୱପୂର୍ଣ୍ଣ, ଆଲୋଚନା କର । [୭

ଅଥବା

ଅଭିଲେଖରେ ବ୍ୟବହୃତ ଓଡ଼ିଆ ଭାଷାର ବ୍ୟାକରଣଗତ ରୂପ ଦର୍ଶାଅ ।

୭ । ଓଡ଼ିଆ ଭାଷାର ପ୍ରାଚୀନ ଲିଖିତ ରୂପ ଦୃଷ୍ଟିରୁ ଚର୍ଯ୍ୟାଗୀତିକାର ଭୂମିକା ଉଲ୍ଲେଖ କର । [୭

ଅଥବା

ସାରଳା ଦାସଙ୍କ ଭାଷା ହିଁ ଯଥାର୍ଥ ଓଡ଼ିଆ ଭାଷା – ଏ ଉକ୍ତିର ଯଥାର୍ଥତା ବିଚାର କର ।